# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**25th May – 2026**

**********************************

## ମୁଖ୍ୟ ସମ୍ବାଦ

- ପ୍ରଥମ ପର୍ଯ୍ୟାୟ ବେସାମରିକ ନାଗରିକ ସମ୍ମାନ ପଦ୍ମ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି ।

— ପୁରସ୍କୃତ ହେଲେ ଓଡ଼ିଶାର ଡକ୍ଟର ମହେନ୍ଦ୍ର କୁମାର ମିଶ୍ର ।

- ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ସାକ୍ଷାତ୍ ଆଲୋଚନା କଲେ ମୁଖ୍ୟମନ୍ତ୍ରୀ ।

- ଗ୍ରାମୀଣ ରୂପାନ୍ତରଣକୁ ଦୃଷ୍ଟିରେ ରଖି ରାଜ୍ୟରେ ଆଜିଠାରୁ ଶୁଭାରମ୍ଭ ହେଲା ୨ଟି ଯୋଜନା ।

ଏବଂ

- ରାଜ୍ୟରେ ଜାରି ରହିଛି ଗ୍ରୀଷ୍ମପ୍ରବାହ; ଆସନ୍ତା ୨୪ ଘଣ୍ଟାପାଇଁ ସମ୍ବଲପୁର ଓ ବଲାଙ୍ଗିର ଜିଲ୍ଲାକୁ ସତର୍କ ସୂଚନା ଜାରି କଲା ପାଣିପାଗ କେନ୍ଦ୍ର ।

***Desk***

# ରାଷ୍ଟ୍ରପତି -ପଦ୍ମ ପୁରସ୍କାର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ପ୍ରଥମ ପର୍ଯ୍ୟାୟ ବେସାମରିକ ସମ୍ମାନ ପଦ୍ମ ପୁରସ୍କାର ପ୍ରଦାନ କରିଛନ୍ତି । ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ହୋଇଥିବା ସ୍ୱତନ୍ତ୍ର ସମାରୋହରେ ପଦ୍ମବିଭୂଷଣ, ପଦ୍ମଭୂଷଣ ଏବଂ ପଦ୍ମଶ୍ରୀ ବିଜେତା ୬୬ଜଣଙ୍କୁ ପୁରସ୍କୃତ କରାଯାଇଛି । ସମାରୋହରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ପ୍ରମୁଖ ଯୋଗ ଦେଇଥିଲେ । ଏହି ପର୍ଯ୍ୟାୟରେ ପାଇଥିବା ୬୬ ଜଣଙ୍କ ମଧ୍ୟରେ ୨ଜଣ ପଦ୍ମ ବିଭୂଷଣ, ୬ଜଣ ପଦ୍ମଭୂଷଣ ଏବଂ ୫୮ଜଣ ପଦ୍ମଶ୍ରୀ ବିଜେତା ଅନ୍ତର୍ଭୁକ୍ତ । ଚଳିତବର୍ଷ ମୋଟ୍ ୧୩୧ ଜଣଙ୍କୁ ପଦ୍ମ ପୁରସ୍କାର ପାଇଁ ମନୋନୀତ କରାଯାଇଛି । ପ୍ରତିବର୍ଷ ଗଣତନ୍ତ୍ର ଦିବସ ଅବସରରେ ଏହି ପୁରସ୍କାର ଘୋଷଣା କରାଯାଏ। କଳା, ସମାଜସେବା, ବିଜ୍ଞାନ ଏବଂ ଇଞ୍ଜିନିୟରିଂ, ବାଣିଜ୍ୟ ଏବଂ ଶିଳ୍ପ, ଔଷଧ, ସାହିତ୍ୟ ଏବଂ ଶିକ୍ଷା, କ୍ରୀଡା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପଦ୍ମ ପୁରସ୍କାର ପ୍ରଦାନ କରାଯାଇଥାଏ । ଓଡ଼ିଶାରୁ ଚରଣ ହେମ୍ବ୍ରମ, ମହେନ୍ଦ୍ର କୁମାର ମିଶ୍ର, ଶରତ କୁମାର ପାତ୍ର ଏବଂ ସୀମାଞ୍ଚଳ ପାତ୍ର ପଦ୍ମଶ୍ରୀ ପାଇଁ ମନୋନୀତ ହୋଇଛନ୍ତି। ଆଜି ମହେନ୍ଦ୍ର କୁମାର ମିଶ୍ର ପୁରସ୍କୃତ ହୋଇଛନ୍ତି । ଆକାଶବାଣୀକୁ ସ୍ୱତନ୍ତ୍ର ସାକ୍ଷାତ୍କାରରେ ଶ୍ରୀ ମିଶ୍ର କହିଛନ୍ତି :

***Voice (Mahendra Mishra)*** :.....

ଦ୍ୱିତୀୟ ପର୍ଯ୍ୟାୟ ପୁରସ୍କାର ପ୍ରଦାନ ସମାରୋହ ନେଇ ପରେ କାର୍ଯ୍ୟସୂଚୀ ଘୋଷଣା କରାଯିବ ।

***Desk***

# ପି.ଏମ୍. - ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ସାକ୍ଷାତ୍ କରିଛନ୍ତି । ଓଡ଼ିଶାରେ ଭିତ୍ତିଭୂମି ବିକାଶ, ପୁଞ୍ଜିନିବେଶ ତଥା ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନ ସମ୍ପର୍କରେ ଶ୍ରୀ ମୋଦିଙ୍କ ସହ ଆଲୋଚନା ହୋଇଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି ।

***HS***

# ପ୍ୟାକ୍ସ ଭିତ୍ତିଭୂମି

ରାଜ୍ୟରେ ଅନ୍ନଦାତାଙ୍କ ସଶକ୍ତୀକରଣ ଓ ଗ୍ରାମୀଣ ଅର୍ଥନୀତିର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ଏବଂ ଏମ୍.ଏସ୍.ଏମ୍.ଇ. ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି । ଗଞ୍ଜାମ ଜିଲ୍ଲା

ପୋଲସରା ନିର୍ବାଚନମଣ୍ଡଳୀର ଡେଙ୍ଗାପଦରଠାରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ୧୧ଟି ପ୍ରାଥମିକ କୃଷି ସମବାୟ ସମିତି – ପ୍ୟାକ୍‌ସର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ପ୍ୟାକ୍ସ କେନ୍ଦ୍ରଗୁଡ଼ିକ କୃଷକମାନଙ୍କୁ ସହଜରେ ଋଣ, ବିହନ, ସାର ଓ ବିଭିନ୍ନ ସହାୟତା ପ୍ରଦାନ କରିବା ସହ ସେମାନଙ୍କର ଆର୍ଥିକ ସ୍ଥିତିକୁ ଆହୁରି ସୁଦୃଢ଼ କରିବ । ଏଥିସହ ମନ୍ତ୍ରୀ ଶ୍ରୀ ମଲ୍ଲିକ ଏକାଧିକ ନୂତନ ଅଙ୍ଗନୱାଡ଼ି କେନ୍ଦ୍ରର ମଧ୍ୟ ଉଦ୍‌ଘାଟନ କରିଛନ୍ତି । ନୂତନ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକ ଶିଶୁଙ୍କପାଇଁ ଉନ୍ନତ ପରିବେଶ ଓ ସୁସ୍ତ ଭବିଷ୍ୟତର ଭିତ୍ତି ସ୍ଥାପନ କରିବାରେ ସହାୟକ ହେବ ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ ଆଶାବ୍ୟକ୍ତ କରିଛନ୍ତି ।

***Desk***

## ଭୋଟର ତାଲିକା – ପ୍ରଶିକ୍ଷଣ ଶିବିର

ରାଜ୍ୟର ବିଭିନ୍ନ ବିଧାନସଭା ନିର୍ବାଚନ ମଣ୍ଡଳୀର ବୁଥ୍‌ସ୍ତରୀୟ ଅଧିକାରୀ, ବି.ଏଲ୍.ଓ. ଏବଂ ପର୍ଯ୍ୟବେକ୍ଷକଙ୍କପାଇଁ ଏକ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୩୦ ତାରିଖରୁ ଆରମ୍ଭ ହେବାକୁ ଥିବା ସଂଶୋଧନ ପ୍ରକ୍ରିୟାରେ ଭୋଟର୍ ତାଲିକାକୁ ତ୍ରୁଟିଶୂନ୍ୟ କରିବା ଲକ୍ଷ୍ୟ ନେଇ ଏହି ଶିବିରର ଆୟୋଜନ କରାଯାଇଥିଲା । କ୍ଷେତ୍ରସ୍ତରୀୟ ପ୍ରସ୍ତୁତିକୁ ଅଧିକ ସଶକ୍ତ କରିବା ଏବଂ ସରକାରୀ ନିୟମାବଳୀର ସଠିକ୍ ଅନୁପାଳନ ଉପରେ ପ୍ରଶିକ୍ଷାର୍ଥୀଙ୍କୁ ତାଲିମ ପ୍ରଦାନ କରାଯାଇଛି । ଗ୍ରୀଷ୍ମ ପରିସ୍ଥିତିକୁ ଦୃଷ୍ଟିରେ ରଖି ସଂଶୋଧନ କାର୍ଯ୍ୟରେ ନିୟୋଜିତ ବୁଥ୍‌ସ୍ତରୀୟ

ଅଧିକାରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଛି । ସକାଳ ୬ଟାରୁ ପୂର୍ବାହ୍ନ ୧୧ଟା ଏବଂ ଅପରାହ୍ଣ ୪ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ କ୍ଷେତ୍ରୀୟ କାର୍ଯ୍ୟ କରିବାକୁ କୁହାଯାଇଛି । ଅଂଶୁଘାତରୁ ରକ୍ଷା ପାଇବାପାଇଁ ଆବଶ୍ୟକ ସାମଗ୍ରୀ ଏବଂ ଜରୁରୀକାଳୀନ ଯୋଗାଯୋଗପାଇଁ ମୋବାଇଲ୍ ଫୋନ୍‌କୁ ପାଖରେ ରଖିବାକୁ ବାଧ୍ୟତାମୂଳକ କରାଯାଇଛି ।

***Deogarh/R***

## ସୁରେଶ ପୂଜାରୀ - ଦେବଗଡ଼ ଗସ୍ତ

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଦେବଗଡ଼ ଗସ୍ତରେ ଯାଇ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଉନ୍ନୟନମୂଳକ ସରକାରୀ ଯୋଜନା ଓ ୨୦୨୬-୨୭ ଆର୍ଥିକ ବର୍ଷର କାର୍ଯ୍ୟଖସଡ଼ା ପ୍ରସ୍ତୁତିର ମନ୍ତ୍ରୀ ଶ୍ରୀ ପୂଜାରୀ ସମୀକ୍ଷା କରିଛନ୍ତି । ବୈଠକରେ ଜିଲ୍ଲାର ବିକାଶ ନିମନ୍ତେ କାର୍ଯ୍ୟକାରୀ ହେଉଥିବା ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ମନ୍ତ୍ରୀ ବିସ୍ତୃତ ଆଲୋଚନା କରିଥିଲେ । ବାର୍‌କୋଟ ବ୍ଲକ୍ କଣ୍ଡଳ ଗ୍ରାମପଞ୍ଚାୟତ ବାଲିପୋଶି ହସ୍ତଶିଳ୍ପ, ସମରଖାଇ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରକୁ ମନ୍ତ୍ରୀ ଗସ୍ତ କରିଥିଲେ । ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଆଦର୍ଶ ଗ୍ରାମ ଅଭିଯାନ

ସମୃଦ୍ଧ ଓଡ଼ିଶା-୨୦୩୬ ଏବଂ ବିକଶିତ ଭାରତ-୨୦୪୭ ସ୍ୱପ୍ନ ସାକାର ଦିଗରେ ଗ୍ରାମୀଣ ରୂପାନ୍ତରଣକୁ ଦୃଷ୍ଟିରେ ରଖି ରାଜ୍ୟରେ ଆଜିଠାରୁ ୨ଟି ଯୋଜନାର ଶୁଭାରମ୍ଭ ହୋଇଛି । ଆଦର୍ଶ ଗ୍ରାମ ଅଭିଯାନ ଏବଂ ମହାପୁରୁଷ ଆଦର୍ଶ ଗ୍ରାମ ଯୋଜନା ରାଜ୍ୟବ୍ୟାପୀ କାର୍ଯ୍ୟକାରୀ ହୋଇଛି । ଆଭାସୀ ମାଧ୍ୟମରେ ଗ୍ରାମ୍ୟ ଉନ୍ନୟନ ପଞ୍ଚାୟତି ରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାୟକ ଏହାର ଶୁଭାରମ୍ଭ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୬ ହଜାର ୭୩୩ଟି ଗ୍ରାମପଞ୍ଚାୟତର ସମସ୍ତ ଗ୍ରାମକୁ ଆସନ୍ତା ୨୦୨୯ ମସିହା ସୁଦ୍ଧା ଆବଶ୍ୟକ ଭିତ୍ତିଭୂମି ଓ ସୁବିଧା ଯୋଗାଇ ଦିଆଯିବାକୁ ଲକ୍ଷ୍ୟ ରଖାଯାଇଛି । ଏଥିପାଇଁ ତୃଣମୂଳ ସ୍ତରରେ ସର୍ଭେ କରାଯିବ । ବିଭିନ୍ନ ବିଭାଗର ପରାମର୍ଶକ୍ରମେ ଏହି ସର୍ଭେପାଇଁ ନିର୍ଦ୍ଧାରିତ ଫର୍ମ ପ୍ରସ୍ତୁତ କରାଯାଇଛି । ମନ୍ତ୍ରୀ ଶ୍ରୀ ନାୟକ ଆଜି ଏହି ନିର୍ଦ୍ଧାରିତ ଫର୍ମର ଉନ୍ମୋଚନ କରିଛନ୍ତି ।

ମହାପୁରୁଷ ଆଦର୍ଶ ଗ୍ରାମ ଯୋଜନା ଅଧୀନରେ ରାଜ୍ୟର ମହାପୁରୁଷଙ୍କ ଜନ୍ମିତ ଗ୍ରାମପଞ୍ଚାୟତଗୁଡ଼ିକୁ ସାମଗ୍ରିକ ଭାବେ ବିକଶିତ କରିବାର ଲକ୍ଷ୍ୟ ରଖାଯାଇଛି । ଚଳିତ ଆର୍ଥିକ ବର୍ଷଠାରୁ ୨୦୨୮-୨୯ ପର୍ଯ୍ୟନ୍ତ ୩ ବର୍ଷପାଇଁ ଏହାକୁ କାର୍ଯ୍ୟକାରୀ କରାଯିବ । ଯୋଜନା ଅଧୀନରେ ରାଜ୍ୟର ପ୍ରାୟ

୧୦୦ରୁ ୧୫୦ଟି ଗ୍ରାମପଞ୍ଚାୟତକୁ ଚୟନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ପ୍ରାଥମିକ ପର୍ଯ୍ୟାୟରେ ୧୨ଟି ଜିଲ୍ଲାର ୧୬ ଜଣ ବିଶିଷ୍ଟ ବ୍ୟକ୍ତିଙ୍କ ସହ ଜଡ଼ିତ ୧୫ଟି ଗ୍ରାମ ପଞ୍ଚାୟତରେ ଏହି ଯୋଜନା କାର୍ଯ୍ୟକାରୀ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମନ୍ୱୟ ମାଧ୍ୟମରେ ଏହାକୁ କାର୍ଯ୍ୟକାରୀ କରାଯିବ । ରାଜ୍ୟ, ଜିଲ୍ଲା ଏବଂ ବ୍ଲକ୍ ସ୍ତରରେ ଗଠିତ କମିଟି ମାଧ୍ୟମରେ ଯୋଜନାର ନିୟମିତ ତଦାରଖ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି ।

***Desk***

## ଇଦ୍-ଉଲ୍-ଜୁହା

ଇଦ୍-ଉଲ୍-ଜୁହା ଆସନ୍ତା ୨୭ ତାରିଖ ପରିବର୍ତ୍ତେ ୨୮ ତାରିଖରେ ପାଳନ କରାଯିବ । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୨୮ ତାରିଖକୁ ଛୁଟି ଘୋଷଣା କରିଛନ୍ତି । ସେହିଦିନ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ତଥା ମାଜିଷ୍ଟ୍ରେଟ୍‌ସ୍ତରୀୟ କୋର୍ଟ କାର୍ଯ୍ୟ ବନ୍ଦ ରହିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି ।

*HS*

# ରାଜ୍ୟସଭା ସାଂସଦ - ଇସ୍ତଫା

ସାଂସଦ ଦେବାଶିଷ ସାମନ୍ତରାୟ ରାଜ୍ୟସଭା ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି । ରାଜ୍ୟସଭା ଅଧ୍ୟକ୍ଷଙ୍କୁ ଭେଟି ସେ ତାଙ୍କର ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି । ଶ୍ରୀ ସାମନ୍ତରାୟଙ୍କ ଇସ୍ତଫା ଫଳରେ ରାଜ୍ୟସଭାରେ ବି.ଜେ.ଡି. ସଦସ୍ୟଙ୍କ ସଂଖ୍ୟା ୫କୁ ହ୍ରାସ ପାଇଛି ।

*Desk*

# ଓ.ଇ.ଆର୍.ସି. ଅଧ୍ୟକ୍ଷ ଇସ୍ତଫା

ଓଡ଼ିଶା ବିଦ୍ୟୁତ୍ ନିୟାମକ ପ୍ରାଧିକରଣ - ଓ.ଇ.ଆର୍.ସି. ଅଧ୍ୟକ୍ଷ ପଦରୁ ପ୍ରଦୀପ କୁମାର ଜେନା ଇସ୍ତଫା ପ୍ରଦାନ କରିଛନ୍ତି । ବ୍ୟକ୍ତିଗତ କାରଣରୁ ଇସ୍ତଫା ଦେଇଥିବା ଶ୍ରୀ ଜେନା ସୂଚନା ଦେଇଛନ୍ତି । ତାଙ୍କର ଇସ୍ତଫାପତ୍ର ଶକ୍ତି ବିଭାଗ ପକ୍ଷରୁ ଗୃହୀତ ହୋଇଥିବା ସଂକ୍ରାନ୍ତ ବିଜ୍ଞପ୍ତି ପ୍ରକାଶ ପାଇଛି ।

***Desk***

## ଆକାଶବାଣୀ - ୯୦ ବର୍ଷ ପୂର୍ତ୍ତି

ଦେଶର ସାର୍ବଜନୀନ ପ୍ରସାରଣ ସେବା ଯୋଗାଇ ଆସୁଥିବା ଆକାଶବାଣୀ ଚଳତବର୍ଷ ୯୦ ବର୍ଷ ପୂର୍ତ୍ତି ପାଳନ କରୁଛି । ୧୯୩୬ ମସିହାରେ ଆକାଶବାଣୀ - ଅଲ୍ ଇଣ୍ଡିଆ ରେଡିଓ କାର୍ଯ୍ୟ ଆରମ୍ଭ କରିଥିଲା । ପୂର୍ତ୍ତି ପାଳନ ଅବସରରେ ଆସନ୍ତାକାଲି ଆକାଶବାଣୀ କଟକ କେନ୍ଦ୍ର ପକ୍ଷରୁ ଏକ ପଦଯାତ୍ରାର ଆୟୋଜନ କରାଯାଇଛି । କଟକସ୍ଥିତ ଜବାହରଲାଲ୍ ଇଣ୍ଡୋର ଷ୍ଟାଡିୟମ୍‌ଠାରୁ ସକାଳ ୭ଟାରୁ ଏହି ପଦଯାତ୍ରା ବାହାରି ବାରବାଟୀ ଷ୍ଟାଡିୟମ୍ ପର୍ଯ୍ୟନ୍ତ ଆସିବ ।

***Nuapada/R***

## ଦୁର୍ଘଟଣା

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ୍ ଅନ୍ତର୍ଗତ ଲକ୍ଷ୍ମୀପୁର ଗ୍ରାମ ନିକଟରେ ୩୫୩ ନମ୍ବର ଜାତୀୟ ରାଜପଥରେ ଏକ ସଡ଼କ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଛି । ଏକ ଯାତ୍ରୀବାହୀ ବସ୍ ବାଇକ୍‌କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି । ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ମୃତଦେହକୁ ରାସ୍ତାରେ ରଖି ଅବରୋଧ କରିଥିଲେ । ବିଧାୟକ

ଅଧିରାଜ ପାଣିଗ୍ରାହୀ ଘଟଣାସ୍ଥଳରେ ପହଞ୍ଚି ରେଡ୍‌କ୍ରସ୍ ପାଣ୍ଠିରୁ ୨୦ ହଜାର ଟଙ୍କାର ସହାୟତା ଏବଂ ହରିଶ୍ଚନ୍ଦ୍ର ଯୋଜନା ଅଧୀନରେ ୩ ହଜାର ଟଙ୍କା ପ୍ରଦାନ କରିଥିଲେ। ଦାବି ନେଇ ପ୍ରତିଶ୍ରୁତି ମିଳିବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା ।

*Ganjam/R*

# ପୁଲିସ ଆଇନ ଧାରା ୩୦

ଗଞ୍ଜାମ ପୁଲିସ ଜିଲ୍ଲାରେ ଗତ ୧୮ ତାରିଖରୁ ଆସନ୍ତା ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ପୁଲିସ୍ ଆଇନ ଧାରା ୩୦କୁ ଲାଗୁ କରାଯାଇଛି । ଏଣିକି ସଭା, ଶୋଭାଯାତ୍ରା ଏବଂ ସମାବେଶ ଆଦି ଆୟୋଜନ ପାଇଁ ପୁଲିସ ଜିଲ୍ଲାର ସମ୍ପୃକ୍ତ ଥାନାରୁ ଅନୁମତି ନେବାକୁ ପଡ଼ିବ । ଆଇନ ଅନୁଯାୟୀ ଅନୁମତି ପ୍ରଦାନ ପୂର୍ବରୁ ସମ୍ପୃକ୍ତ କମିଟି କିମ୍ବା ଆୟୋଜକଙ୍କୁ ତାଙ୍କର ଦାୟିତ୍ୱ ନେଇ ସର୍ତ୍ତାବଳୀ ସମ୍ପର୍କରେ ଅବଗତ କରାଯିବ । ଅତିକମ୍‌ରେ ଆୟୋଜନର ୭୨ ଘଣ୍ଟା ପୂର୍ବରୁ ସମ୍ପୃତ୍ତ ଥାନା ଅଧିକାରୀଙ୍କ ପାଖରେ ଆବେଦନ ପତ୍ର ଦାଖଲ କରିବାକୁ ବାଧ୍ୟତାମୂଳକ କରାଯାଇଛି ।

*Met. O.*

## ପାଣିପାଗ

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି । ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ପ୍ରବଳ ଗରମ ଓ ଗୁଳଗୁଳି ଅନୁଭୂତ ହେବ ।  ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସମ୍ବଲପୁର, ବଲାଙ୍ଗିର ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ନେଇ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଅନ୍ୟପକ୍ଷେ କାଳବୈଶାଖୀ ପ୍ରଭାବରେ ଝଡ଼ବର୍ଷା ନେଇ ୨୧ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ କରାଯାଇଛି। ଆଜି ସର୍ବାଧିକ ଦିନ ତାପମାତ୍ରା ୪୫ ଦଶମିକ ୮ ଡିଗ୍ରୀ ସେଲ୍‌ସିୟସ୍ ଟିଟିଲାଗଡ଼ଠାରେ ରେକର୍ଡ଼ କରାଯାଇଛି ।

*Koraput/R*

## ଗ୍ରୀଷ୍ମ - ସତର୍କ ପରାମର୍ଶ

କୋରାପୁଟ ଜିଲ୍ଲାରେ ଅସହ୍ୟ ଗରମକୁ ଦୃଷ୍ଟିରେ ରଖି ପୂର୍ବାହ୍ନ ୧୧ଟାରୁ ସମସ୍ତ ବଜାର ଓ ବ୍ୟବସାୟୀ ପ୍ରତିଷ୍ଠାନଗୁଡ଼ିକ ବନ୍ଦ ରଖାଯାଉଛି । ରାସ୍ତାଘାଟ ଜନଶୂନ୍ୟ ହୋଇପଡୁଛି । ଆବଶ୍ୟକ ନ ଥିଲେ ଦିନବେଳା ଘରୁ ବାହାରକୁ ନ

ଯିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି । ଜୟପୁର, କୋଟପାଡ଼, ବୈପାରୀଗୁଡ଼ା, କୁନ୍ଦୁରା ଓ ବୋରିଗୁମ୍ମା ଅଞ୍ଚଳରେ ଦିନ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍‌ରୁ ଊର୍ଦ୍ଧ୍ୱରେ ରହୁଥିବା ଜଣାପଡ଼ିଛି । ଜୟପୁର ନିକଟ ଖାକୁରିବନ୍ଧରେ ବହୁମାତ୍ରାରେ ମାଛ ମରି ଭାସୁଥିବାର ଦେଖିବାକୁ ମିଳିଛି ।

******